ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ନଭେମ୍ବର, ୨୦୨୦

## କନିଅର ଫଳ ଖାଇ ବୃଦ୍ଧଙ୍କ ଆତ୍ମହତ୍ୟା

ଜେନାପୁର/ଧର୍ମଶାଳା,(ଡି.ଏନ.ଏ.): କନିଅର ଫଳ ଖାଇ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଜେନାପୁର ଥାନା ଅନ୍ତର୍ଗତ ଭେଜିଗୋଠ ଗ୍ରାମର ପରୀ ସ୍ୱାଇଁ(୬୨)। ପାରିବାରିକ କଳହ ଯୋଗୁ ଶନିବାର ପରୀ କନିଅର ଫଳ ଖାଇ ଅଞ୍ଜିରା ପଞ୍ଚାୟତ ଅଧୀନ ଭେଜିଗୋଠ ସ୍କୁଲ ପରିସରରେ ଆତ୍ମହତ୍ୟା କରିଥିଲେ। ସ୍ଥାନୀୟ ଲୋକେ ଦେଖି ଜେନାପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ବରୀ,୧୫।୧୧(ଡି.ଏନ.ଏ.): ବରୀ-ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରାଯିବା ସହ ମାଡ଼ ମରାଯାଇଛି। ଏଥିସହିତ ତାଙ୍କ ସ୍ୱାମୀଙ୍କ ଏକ ଅଟୋ ଓ ବାଇକ୍ ଭଙ୍ଗା ଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ମାମଲା (ନଂ.୨୨୦/୨୦) ରୁଜୁ କରି ତଦନ୍ତ ଚଳାଇଛି। ମହିଳା ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରତଳାଙ୍ଗ ଗ୍ରାମର ସନ୍ତୋଷ ରାୟ, ରାକେଶ ରାୟ, ପ୍ରକାଶ ସାମଲ, ପ୍ରତାପ ସାମଲ, ରଞ୍ଜନ ସାମଲ ପ୍ରମୁଖ ରାତିରେ ତାଙ୍କ ଘର ଉପରକୁ କୌଣସି କାରଣ ନ ଥାଇ ଆକ୍ରୋଶମୂଳକ ଭାବେ ଢେଲା ପଥର ମାଡ କରିଥିଲେ। ତାଙ୍କ ସ୍ୱାମୀଙ୍କ ଏକ ଅଟୋ ଓ ବାଇକ୍ ଭଙ୍ଗା ରୁଜା କରିଥିଲେ। ଏପରି କି ଅଟୋକୁ ନିଆଁ ଲଗାଇ ସ୍ଥାନୀୟ ଚିଙ୍ଗୁଡିଆ ନାଳରେ ପକାଇ ଦେଇଥିଲେ। ଏଥିସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେ ଓ ତାଙ୍କ ପରିବାର ସଦସ୍ୟ ଘରେ ତାଲା ପକାଇ ନିଜର ଆତ୍ମରକ୍ଷା କରିଥିଲେ। ଖବର ପାଇ ବରୀ ଥାନା ପୋଲିସ ପହଞ୍ଚି ତାଙ୍କ ପରିବାର ସଦସ୍ୟଙ୍କୁ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ଥାନା ଏସ୍‌ଆଇ ନାରାୟଣ ପ୍ରସାଦ ବେହେରା କହିଛନ୍ତି, ଘଟଣା ସମ୍ପର୍କରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ।

### ୨ ଲକ୍ଷ ଟଙ୍କାର ବାଣ ଜବତ, ଜଣେ ଅଟକ

ନୟାଗଡ ଅଫିସ/ଓଡ଼ଗାଁ, ୧୫।୧୧(ସ୍ୱ.ପ୍ର.): ଓଡ଼ଗାଁ ଥାନା ପୋଲିସ ସ୍ଥାନୀୟ ବଜାର ଉପରେ ଚଢ଼ାଉ କରି ୨ ଲକ୍ଷ ଟଙ୍କାର ବାଣ ଜବତ କରିଛି। ଅନ୍ୟପକ୍ଷେ ପୋଲିସ ଏକ ମାମଲା ରୁଜୁ କରି ସୁରେଶ ପାତ୍ରଙ୍କୁ ଅଟକ ରଖି ତଦନ୍ତ କରୁଥିବା ଆଇଆଇସି ପ୍ରଜ୍ଞା ପରମିତା ଜେନା କହିଛନ୍ତି। ଶନିବାର ଦୀପାବଳିରେ ବଜାରରେ ବାଣର ଆସର ଲାଗି ରହିଥିଲା। କରୋନା କଟକଣା ପରିପ୍ରେକ୍ଷୀରେ ବାଣ ବିକ୍ରି ଓ ଫୁଟାଇବା ବନ୍ଦ ଥିବାବେଳେ ଏହାକୁ ଅଣଦେଖା କରାଯିବା ପରେ ପୋଲିସ ଚଢ଼ାଉ କରିଥିଲା।

### ଗୁହାଳରେ ନିଆଁ ଲାଗି ୮ ଗାଈ ଜୀବନ୍ତ ଦଗ୍ଧ

ରାଜନଗର,୧୫।୧୧(ଡି.ଏନ.ଏ.): ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଶାରଦାପ୍ରସାଦ ଗାଁରେ ଗୁହାଳରେ ନିଆଁ ଲାଗି ୮ ଗାଈ ଜୀବନ୍ତ ଦଗ୍ଧ ହୋଇଛନ୍ତି। ୧୩ ତାରିଖ ବିଳମ୍ବିତ ରାତିରେ ଗାଁର ସୁବ୍ରତ ଗିରିଙ୍କ ଗୁହାଳରେ ନିଆଁ ଲାଗି ୩ ଗର୍ଭିଣୀ ଗାଈ ସମେତ ୮ଟି ଗାଈ ଜଳି ଯାଇଛନ୍ତି। ସୁବ୍ରତଙ୍କ ଆଜବେଷ୍ଟସ ପକ୍କା ଗୁହାଳେ ୮ ଗାଈ ଓ ଗୋଟିଏ ବଳଦ ଥିଲେ। ଗୋରୁଙ୍କୁ ମଶା ଲାଗୁଥିବାରୁ ଗୁହାଳ ଘରେ କୁଟା ଧୂଆଁ ଦେଇଥିଲେ। କୁଟା ଧୂଆଁରୁ ନିଆଁ ଝୁଲ ଉଠି ସଙ୍ଘାରେ ଥିବା କାଠରେ ଲାଗି ଗୁହାଳ ଘର ଜଳି ଯାଇଥିଲା। ଗୁହାଳ ଘରେ ଥିବା ଏକମାତ୍ର ବଳଦ କୌଣସି ଉପାୟରେ ବାହାରି ବିଲ୍‌ରେ ଚରୁଥିବା ଦେଖିବାକୁ ମିଳିଥିଲା। ରାତି ସାଢେ ୩ଟାରେ ଲୋକେ ନିଆଁ ଦେଖି ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେତେବେଳକୁ ଗାଈ ସବୁ ଜୀବନ୍ତ ଦଗ୍ଧ ହୋଇ ସାରିଥିଲେ।

### ଶରଣକୁଳରେ ଗଣକନ୍‌ଭେନଶନ

ନୟାଗଡ ଅଫିସ,୧୫।୧୧: ନୟାଗଡ ଜିଲାର ଶରଣକୁଳରେ ନଭେମ୍ବର ୨୬ରେ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବାକୁ ଗଣକନ୍‌ଭେନଶନ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନକୁ ବାତିଲ କରି ୪ଟି ନିଷ୍କ୍ରିୟ ବୋର୍ଡରେ ପରିଣତ କରିବାକୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି କୃଷି ସଂସ୍କାର ଆଳରେ କର୍ପୋରେଟ କୃଷି ଓ ମହଜୁଦ୍‌କାରୀ କଳାବଜାରୀଙ୍କୁ ଅଧିକ ପ୍ରୋତ୍ସାହିତ କରିଛନ୍ତି। ପୁଣି ଅତ୍ୟାବଶ୍ୟକ ଖାଉଟି ଆଇନ ବାତିଲ୍ କରିଛନ୍ତି। ବେକାରୀ ବୃଦ୍ଧି, ଦରଦାମ ବୃଦ୍ଧିର ବାଟ ଖୋଲି ଦେଇଛନ୍ତି। କୃଷକ ନେତା ପବିତ୍ର ଇନ୍ଦ୍ରଜିତ୍‌ଙ୍କ ନେତୃତ୍ୱରେ ଗୋଲକ ମୁଦୁଲି, କୃଷ୍ଣଚନ୍ଦ୍ର ମହାପାତ୍ର, ସରୋଜ ନାୟକ, ଜ୍ୟୋତିପ୍ରଭା ଜେନା, ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଜବରଦଖଲକୁ ପ୍ରୋତ୍ସାହିତ କରୁଛି ଜାଗା ମିଶନ

**ଭୂମିହୀନ ନାଁରେ ସ୍ୱଚ୍ଛଳ ବର୍ଗ ହାତଉଛନ୍ତି ଜମି ପଟ୍ଟା**

ନୟାଗଡ଼ ଅଫିସ,୧୫।୧୧

ଜବରଦଖଲକୁ ଜାଗା ମିଶନ ଯୋଜନା ପ୍ରୋତ୍ସାହିତ କରିଛି। ଯୋଜନାରେ ଦୁଇଥର ପଟ୍ଟା ମିଳିବା ପରେ ନୟାଗଡ ସଦର ମହକୁମାରେ ଜବରଦଖଲ ବଢ଼ିଛି। ଅନ୍ୟପକ୍ଷେ ଜାଗା ମିଶନ ଯୋଜନାରେ ଗରିବ ଲୋକଙ୍କ ନାଁରେ ସ୍ୱଚ୍ଛଳ ବର୍ଗ ଜମି ହାତେଇ ନେଉଛନ୍ତି। ଏଭଳି ଅଭିଯୋଗ ହୋଇ ଆସୁଥିବା ବେଳେ ନୟାଗଡରେ ୭ ଜଣ ଧରା ପଡିବା ପରେ ଜାଲିଆତି ପଦାକୁ ଆସିଛି। ଏହି ଜାଲିଆତି ପଛରେ ଏକ ର୍ୟାକେଟ କାମ କରୁଛି। ର୍ୟାକେଟକୁ ବିଭିନ୍ନ ବର୍ଗରୁ ଲୋକ ସହଯୋଗ କରୁଥିବା କୁହାଯାଉଛି। ଏଥିପାଇଁ ମୋଟା ଅଙ୍କର ଅର୍ଥ କାରବାର ହେଉଛି। ଅନ୍ୟପକ୍ଷେ ଭୋଟ ରାଜନୀତି ଜବରଦଖଲକାରୀଙ୍କୁ ସୁହାଇଛି। ସହରରେ ସ୍ଥାନୀୟ ବାସିନ୍ଦା ଠିକ୍ ସମୟରେ ଟିକସ୍ ଦେଇ ଆସୁଥିଲେ ମଧ୍ୟ ସେମାନଙ୍କୁ ମିଳୁନି ସର୍ବ ନିମ୍ନ ସୁବିଧା। କିନ୍ତୁ ଜବରଦଖଲକାରୀଙ୍କୁ ପଟ୍ଟା ଦେଇ ସେମାନଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦିଆଯାଉଛି ବୋଲି ଅଭିଯୋଗ ହେଉଛି। କେତେଜଣ ଟିକସ୍‌ଧାରୀଙ୍କ ଅଭିଯୋଗ ହେଉଛି ଗରିବ ଓ ଭୂମିହୀନଙ୍କୁ ଜମିପଟ୍ଟା ଦେଇ ସରକାରୀ ସୁବିଧା ସୁଯୋଗ ଦେବାରେ ପ୍ରତିବାଦ ନାହିଁ। କିନ୍ତୁ ଗରିବ ଓ ଭୂମିହୀନ ନାଁରେ ସ୍ୱଚ୍ଛଳ ବର୍ଗ ସୁବିଧା ସୁଯୋଗ ପାଉଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି।

ଜିଲା ସଦର ମହକୁମାର ପାହାଡ ପର୍ବତ ଉପରେ, ଜଙ୍ଗଲ ପାଦ ଦେଶରେ ଘର ନିର୍ମାଣ ହୋଇ ସାରିଲାଣି। କେତେକ ସ୍ଥାନରେ ଘର ନିର୍ମାଣ ଚାଲିଛି। ସହରର ଜଜାଙ୍ଗି, ରୁକ୍ଷୀ ଓ ବଳରାମ ପାହାଡର ଉପର ଏବଂ ପାଦ ଦେଶର ବିଭିନ୍ନ ସ୍ଥାନ ଏବେ ଜବରଦଖଲରେ। ଏପରି କି ସହରର ପ୍ରଭାବଶାଳୀ ଲୋକ ମୂଲ୍ୟବାନ ଜମିକୁ ଜବରଦଖଲ କରି ରଖିଛନ୍ତି। ସେହିଭଳି ସରକାରୀ ଜମି ୩୦ ହଜାରରୁ ଆରମ୍ଭ କରି ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ବହୁ ସରକାରୀ କର୍ମଚାରୀ ମଧ୍ୟ ସରକାରୀ ଜମି କିଣି ରହିଛନ୍ତି। ଜଣେ ସରକାରୀ କର୍ମଚାରୀଙ୍କ ସୂଚନା ଅନୁସାରେ, ବାହାରେ ଭଡା ଦେଇ ରହିବା ଅପେକ୍ଷା ସରକାରୀ ଜମି କିଣି ଅସ୍ଥାୟୀ ଘର କରି ରହିଲେ ଖର୍ଚ୍ଚ କମ ହେଉଛି। ବଦଳି ବା ଅବସର ପରେ ପୁଣି ଘର ବିକ୍ରି କରି ଦେଉଛୁ। ଜବରଦଖଲ ମଧ୍ୟ ଉଚ୍ଛେଦ ହେଉନାହିଁ। ଏ ନେଇ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ନୟାଗଡ ମ୍ୟୁନିସିପାଲିଟିରେ ୨୩୦ ହିତାଧିକାରୀଙ୍କୁ ଜାଗା ମିଶନ ଯୋଜନାରେ ନଭେମ୍ବର ୬ ରେ ଭୂମି ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ କରାଯାଇଛି। ପୂର୍ବରୁ ନୟାଗଡ ମ୍ୟୁନିସିପାଲିଟିରେ ୪୯୯ ପରିବାରକୁ ଭୂମି ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ ହୋଇଛି। ତେବେ ଆଉ କେତେଜଣ ଲୋକ ପଟ୍ଟା ପାଇବାର ଅଛି। ପ୍ରଶାସନ ପକ୍ଷରୁ ପଟ୍ଟା ବଣ୍ଟନ ହୋଇଥିବା ଓ ପଟ୍ଟା ବଣ୍ଟନ ହେବାକୁ ଥିବା ଲୋକଙ୍କୁ ଛାଡି ଦେଲେ ଅନ୍ୟ ଜବରଦଖଲକାରୀ ଚିହ୍ନଟ ହେଲେ ସେମାନଙ୍କୁ ତୁରନ୍ତ ଉଚ୍ଛେଦ କରାଯିବ। ଅଣ୍ଡରଟେକିଂ ଲେଖି କେତେଜଣ ସ୍ୱଚ୍ଛଳବର୍ଗର ଲୋକ ପଟ୍ଟା ହାତେଇ ନେଇଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇବାକୁ ଗଲାବେଳେ ସେମାନଙ୍କର ଚଞ୍ଚକତା ଧରା ପଡି ଯାଉଛି। ୭ ଜଣ ସ୍ୱଚ୍ଛଳ ବର୍ଗର ଲୋକ ନୟାଗଡ ମ୍ୟୁନିସିପାଲିଟିରେ ଧରା ପଡିବା ପରେ ସେମାନଙ୍କର ପଟ୍ଟା ବାତିଲ ହୋଇଛି। ପଟ୍ଟା ବାତିଲ ପରେ କେତେଜଣ ଲୋକ ତାଙ୍କ ନାଁରେ କୋର୍ଟରେ କେସ୍ କରିଛନ୍ତି। ସେମାନେ ଭୁଲି ଯାଇଛନ୍ତି ଜାଲିଆତି କରି ଅଣ୍ଡରଟେକିଂ କରି ସେମାନେ ଜାଗା ମିଶନ ଯୋଜନାରେ ପଟ୍ଟା ହାତେଇ ଥିଲେ। ଏଣୁ ଆମେ ଅନିୟମିତତାକୁ ଧରିବାକୁ ପ୍ରୟାସ ଜାରି ରଖିଛୁ।



ବନବିଭାଗ ପକ୍ଷରୁ ରାସ୍ତା ଖୋଳାଯାଇଛି।

## ରାସ୍ତା ଖୋଳିଦେଲା ବନ ବିଭାଗ

**ପଥର ଚୋରି ରୋକିବାକୁ ପ୍ରୟାସ**

ଚଢ଼େଇଧରା,୧୫।୧୧(ଡି.ଏନ.ଏ.)

ଧର୍ମଶାଳା ତହସିଲ ଅଧୀନ କୁସୁନପୁର ପିଆରଏଫ୍(ସଂରକ୍ଷିତ ଜଙ୍ଗଲ)ରେ ରବିବାର ଗଡ଼ମଧୁପୁର ବନପାଳଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ଖାଦାନକୁ ସଂଯୋଗ କରୁଥିବା ପହାଡ଼ ରାସ୍ତାକୁ ଖୋଳି ଦେଇଛନ୍ତି। ଏକ ଜେସିବି ସାହାଯ୍ୟରେ ଏହି ପାହାଡ ରାସ୍ତାକୁ ଖୋଳି ବନ୍ଦ କରାଯାଇଛି। ଫଳରେ ପାହାଡ଼ରୁ ପଥର ଚୋରି ରୋକାଯାଇପାରିବ ବୋଲି ପ୍ରୟାସ କରାଯାଇଛି। ତେବେ ବନ ବିଭାଗର ଏପରି ପ୍ରୟାସକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ପାହାଡକୁ ପଥର ମାଫିଆ ଖୋଳିତାଡି ରାଜସ୍ୱ ଫାଙ୍କୁଥିବା ବେଳେ ବିଭାଗ କେବଳ ଖାତ ଖୋଳିବା ଓ ତାରବାଡ ବୁଲାଇବାରେ ଲାଗିଛି। ଦୀର୍ଘ ବର୍ଷ ଧରି ଏହି ପହାଡରେ ପଥର ମାଫିଆ ଓ ବନ ବିଭାଗ ମଧ୍ୟରେ ଲୁଚକାଳି ଖେଳ ଜାରି ରହିଛି। ହେଲେ ବନବିଭାଗ ଖେଳରେ କେବେ ଜିତିଥିବା ଭଳି ମନେ ହେଉନାହିଁ। ସ୍ଥାନୀୟ କ୍ରଶର ମାଲିକମାନେ ପଥର ଚୋରିକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ବନପାଳ ରଞ୍ଜନ ମିଶ୍ର ଆଗକୁ ଏହି ପାହାଡ଼ରେ ଧରପଗଡ ଜୋରଦାର କରାଯିବ ବୋଲି କହିଛନ୍ତି। ଏଥିରେ ବନପାଳଙ୍କ ସମେତ କୈଳାସ ଚନ୍ଦ୍ର ବେହେରା, ସେକ ଜାଭିର, ସତ୍ୟାନନ୍ଦ ବାହାଲିଆ, ସମ୍ପିତ ରାଉତ, ପ୍ରଭାସ ସାହାଣୀ, ରାଜକିଶୋର ଦାସ ଏବଂ ଜେନାପୁର ଥାନାର ଜଣେ କର୍ମଚାରୀ ଉପସ୍ଥିତ ଥିଲେ।

## ଗୋଚର ଜମିରେ ରାସ୍ତା ନିର୍ମାଣ ଅଭିଯୋଗ

ରସୁଲପୁର,୧୫।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳରେ ଗୋଚର ଜମିର ଜବରଦଖଲ ବଢୁଛି। ଏନେଇ ଜନସାଧାରଣ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ ସୁଫଳ ମିଳୁନି। ବ୍ଲକର ୨୮ ଯାକ ପଞ୍ଚାୟତରେ ଏପରି ସମସ୍ୟା ଦେଖିବାକୁ ମିଳିଛି। ଏହାଭିତରେ ଶ୍ରୀବନ୍ତପୁର ପଞ୍ଚାୟତ ଆଗରେ ରହିଛି। ଏହି ପଞ୍ଚାୟତ ଅଧୀନ ସାରଙ୍ଗପୁର ଗ୍ରାମରେ ଏକ ଗୋଚର ଜମିରେ ରାସ୍ତା ନିର୍ମାଣ କରାଯାଉଛି। ଯାହାର ଖାତା ନଂ-୧୯୧, ପ୍ଲଟ ନଂ-୨୨୦୫, କିସମ ଗୋଚର ବୋଲି ଅଭିଯୋଗରେ ଦର୍ଶାଯାଇଛି। ରାସ୍ତା ନିର୍ମାଣ ପୂର୍ବରୁ ପ୍ରକଳ୍ପ ନିକଟରେ ସୂଚନା ଫଳକ ଲାଗି ନାହିଁ। ଏନେଇ ଜୁଲାଇ ଓ ଅଗଷ୍ଟରେ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ଜିଲାପାଳ, ରସୁଲପୁର ବିଡିଓଙ୍କ ନିକଟରେ ୨ଥର ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ସମ୍ପର୍କରେ ଠିକାଦାର ଅବଗତ ହେବା ପରେ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିଦେଇଥିଲେ। ଏଠାରେ ଥିବା ଜିଲାପାଳ ରଞ୍ଜନ କୁମାର ଦାସଙ୍କ ବଦଳି ହୋଇଗଲା ପରେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତେଣୁ ଏହାକୁ ସୁଯୋଗ ବୋଲି ମନେକରି ଠିକାଦାର ପୁଣି ରାସ୍ତା କାମ ଆରମ୍ଭ କରିଛନ୍ତି। ମାତ୍ର ଉକ୍ତ କାମକୁ ନେଇ ଜନସାଧାରଣଙ୍କୁ ଅନ୍ଧକାରରେ ରଖାଯାଇଛି। ଏହା ଜାଣି ଗ୍ରାମବାସୀ ନୂତନ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିକଟରେ ପୁଣି ଅଭିଯୋଗ କରିଛନ୍ତି। ଗୋଚର ଜମିର ସୁରକ୍ଷା ଦେବା ସହ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ଓ ଉକ୍ତ କାର୍ଯ୍ୟରେ ସମ୍ପୃକ୍ତ ଠିକାଦର ଏବଂ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବପ୍ରସାଦ ଧଳ କହିଛନ୍ତି, ପଞ୍ଚାୟତ ପକ୍ଷରୁ କୌଣସି ରାସ୍ତା କାର୍ଯ୍ୟ କରାଯାଉ ନାହିଁ। ଏସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମିଞ୍ଜଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ନ ଧରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ରାସ୍ତା କାର୍ଯ୍ୟ କରାଯାଉଛି।

## ୬୦୦ ଲିଟର କିରୋସିନ ଜବତ, ଜଣେ ଗିରଫ

ଚଣ୍ଡିଖୋଲ,୧୫।୧୧(ଡି.ଏନ.ଏ.)

ବଡ଼ଚଣା ଥାନା ସିହା ପଞ୍ଚାୟତ ମଙ୍ଗରାଜପୁର ଗ୍ରାମରେ ଶନିବାର ପୋଲିସ ଚଢ଼ାଉ କରି ୬୦୦ ଲିଟର କିରୋସିନ ଜବତ କରିଛି। ଏଥିସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗ୍ରାମର କୈଳାସ ରାଉତ (୩୫)। କୈଳାସ ବେଆଇନ କିରୋସିନ ଗଚ୍ଛିତ ରଖିଥିବା ଅଭିଯୋଗରେ ବଡ଼ଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତ ଚଢ଼ାଉ କରିଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି।

## ଅସଦାଚରଣ ଅଭିଯୋଗରେ ପୂଜକ ଗିରଫ

କେନ୍ଦ୍ରାପଡା ଅଫିସ, ୧୫।୧୧: ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣେ ମନ୍ଦିର ପୂଜକ ଗିରଫ ହୋଇଛନ୍ତି। ତାଙ୍କ ନାମରେ ନଂ. ୧୯୩/ ୨୦ରେ ମାମଲା ରୁଜୁ ହୋଇଛି। ପୀଡିତାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଭଗବାନପୁର ଗ୍ରାମର ସ୍ମୃତି ରଞ୍ଜନ ପତି ଶନିବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତିଙ୍କ ଘରକୁ ହୋମ କରିବାକୁ ଯାଇଥିଲେ। ଘରେ କେବଳ ଜଣେ ନାବାଳିକା ଝିଅ ଓ ତାଙ୍କ ମା' ଉପସ୍ଥିତ ଥିଲେ। ନାବାଳିକାଙ୍କ ମା' କିଛି ସମୟ ପାଇଁ ଶୌଚାଳୟକୁ ଯାଇଥିବା ବେଳେ ପୂଜକ ସ୍ମୃତି ସମ୍ପୃକ୍ତ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ



ବିଧାୟକ ଏକ ଗୋଷ୍ଠୀ କେନ୍ଦ୍ରର ଉଦ୍‌ଘାଟନ କରୁଛନ୍ତି।

ଯାଜପୁର ଟାଉନ,୧୫।୧୧(ଡି.ଏନ.ଏ.)

ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ଯାଜପୁର ପୌରାଞ୍ଚଳର ବେଲମପୁରଠାରେ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସଂଖ୍ୟାଲଘୁ ଲୋକଙ୍କ ଆମୋଦ ପ୍ରମୋଦ ପାଇଁ ଏହି କେନ୍ଦ୍ର ସହାୟକ ହେବ ବୋଲି ମତପ୍ରକାଶ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ କାଉନସିଲରଙ୍କ ସମେତ ବିଭିନ୍ନ ନେତା ଓ କର୍ମୀ ସାମିଲ ହୋଇଥିଲେ। ଯାଜପୁର ହାବେଳିବଜାରରେ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି ଗୋଷ୍ଠୀ କେନ୍ଦ୍ର ବରିଷ୍ଠ ନାଗରିକଙ୍କ ଆମୋଦ ପ୍ରମୋଦ ପାଇଁ ବ୍ୟବହାର କରାଯିବ। ଉତ୍ସବରେ ସହରର ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ପରେ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରିଥିଲେ। ଗୋଷ୍ଠୀ କେନ୍ଦ୍ରକୁ ଶୀତତାପ ନିୟନ୍ତ୍ରିତ କରିବା ପାଇଁ ମଧ୍ୟ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସଦାବ୍ରତମଠ କାଳୀ ମଣ୍ଡପ ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଉତ୍ସବରେ ଯାଜପୁର ପୂର୍ବତନ ନଗରପାଳ ଭବପ୍ରସାଦ ଦାସ, ସମରଜିତ ମହାନ୍ତି, ରାଜୀବ ମହାନ୍ତି, ଦିଲୀପ ହାଲଦାର, ରୁଦ୍ରନାରାୟଣ ମହାନ୍ତି ଓ ପ୍ରଶାନ୍ତ ଖୁଣ୍ଟିଆଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ପରସ୍ପରକୁ ଆକ୍ରମଣ କରି ୩ ଆହତ, ୫ ଜେଲ ଗଲେ

ନୟାଗଡ ଅଫିସ,୧୫।୧୧

ନୟାଗଡ ଟାଉନ ଥାନାର ବେବର୍ତ୍ତାପଲ୍ଲୀରେ ଦୀପାବଳିରେ ପରସ୍ପରକୁ ଆକ୍ରମଣ କରି ୩ ଜଣ ଆହତ ହୋଇଥିବାବେଳେ ୫ଜଣଙ୍କୁ ଜେଲକୁ ଯିବାକୁ ପଡିଛି। ଜାମିନ ନାମଞ୍ଜୁର ପରେ ବେବର୍ତ୍ତାପଲ୍ଲୀର ସଞ୍ଜୟ ସାହୁ, ସର୍ବେଶ୍ୱର ସାହୁଙ୍କ ସମେତ ଦୁଇଭାଇ ଅଜୟ ଓ ବିଜୟ ପ୍ରଧାନଙ୍କୁ ରବିବାର ନୟାଗଡ ସବ୍‌ଜେଲକୁ ଯିବାକୁ ପଡିଛି। ବେବର୍ତ୍ତାପଲ୍ଲୀରେ ଭୀମ ପ୍ରଧାନ ଓ ସଞ୍ଜୟ ସାହୁଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଭୀମଙ୍କ ଦୁଇପୁଅ ଅଜୟ ଓ ବିଜୟ ଦୀପାବଳି ପାଳିବାକୁ ଗାଁକୁ ଆସିଥିଲେ। ଏହି ସମୟରେ ସଞ୍ଜୟ ଓ ଦୁଇସାଙ୍ଗଙ୍କ ସହ ମିଶି ଭୀମ ଏବଂ ତାଙ୍କ ଦୁଇପୁଅଙ୍କୁ ଆକ୍ରମଣ କରିଥିଲେ। ଉଭୟଙ୍କ ମଧ୍ୟରେ ମାର୍‌ପିଟ ହେବାରୁ ଭୀମ ଆହତ ହୋଇ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେହିଭଳି ସଞ୍ଜୟ ଓ ଧନେଶ୍ୱର ଅନୁରୂପ ଭାବେ ଆହତ ହୋଇଥିଲେ। ସଞ୍ଜୟଙ୍କ ଅଭିଯୋଗକ୍ରମେ ନଂ. ୧୮୭/୨୦ ଓ ଭୀମଙ୍କ ସ୍ତ୍ରୀ ଭାସିଙ୍କ ଅଭିଯୋଗକୁ ଭିତ୍ତିକରି ନ. ୧୮୮/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ବିଭିନ୍ନ ସ୍ଥାନରେ ମା'ଶ୍ୟାମାକାଳୀଙ୍କ ପୂଜା

ନାଉଗାଁ,୧୫।୧୧(ସ୍ୱ.ପ୍ର)

ନାଉଗାଁ ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ଶନିବାର ମା'ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି କେବଳ ପରମ୍ପରା ରକ୍ଷା ପାଇଁ ଗ୍ରାମବାସୀ ଓ ପୂଜା କମିଟି ପକ୍ଷରୁ ଏହି ପୂଜା ପାଳନ କରାଯାଇଛି। ବ୍ଲକର ସାରେଇକୂଳ, ଡେରିକି, ଘୋଡାଂଶ, ପାଇକସାହି, ଶୁଦ୍ଧକଣ୍ଟି ଆଦି ସ୍ଥାନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି।



ମା'ଙ୍କୁ ପୂଜା କରାଯାଉଛି।



ଏକ ମଣ୍ଡପରେ ପୂଜା ପାଉଥିବା ମା' କାଳୀ।

ଯାଜପୁର ଟାଉନ(ଡି.ଏନ.ଏ.): ଯାଜପୁରର ଗଣପର୍ବ କାଳୀପୂଜା ଶନିବାର ରାତିରୁ ଆରମ୍ଭ ହୋଇଛି। ଏଥର ସହରର ୪୬ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ମା'କାଳୀ ଓ ଲକ୍ଷ୍ମୀ ନାରାୟଣ। କରୋନା କଟକଣା ଯୋଗୁ ସବୁ ମଣ୍ଡପରେ ଖାଁଖାଁ ପରିବେଶ। କେବଳ ପାରମ୍ପରିକ ରୀତିନୀତି ଅନୁଯାୟୀ ଚାଲିଛି ପୂଜାର୍ଚ୍ଚନା। ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମଣ୍ଡପକୁ କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

ବିଞ୍ଝାରପୁର(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକଛକଠାରେ କୋଭିଡ୍ ନିୟମ ପାଳନ ଅନୁସାରେ ମା' ଶ୍ୟାମାକାଳୀ ପୂଜା ଆରମ୍ଭ ହୋଇଛି। ଶନିବାର ବିଳମ୍ବିତ ରାତିରେ କଳସ ପୂଜା ଅନୁଷ୍ଠିତ ହୋଇଥିଲା ବେଳେ ରବିବାର ପ୍ରାତଃରୁ ମା'ଙ୍କ ମହାସ୍ନାନ ପରେ ବିଧି ମୁତାବକ ଷୋଡଶ ଉପଚାର ପୂଜାର୍ଚ୍ଚନା କରାଯାଇଛି। କୋଭିଡ୍ କଟକଣା ପାଇଁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି ବୋଲି ମା' ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା କାର୍ଯ୍ୟକ୍ରମକୁ କମିଟି ଆବାହକ ଶ୍ୟାମସୁନ୍ଦର ବେହେରା, ପ୍ରମୋଦ କୁମାର ମିଶ୍ର, ଅକ୍ଷୟ କୁମାର ବେହେରା, ରାଜକିଶୋର ମିଶ୍ର, ବରୁଣକୁମାର ସ୍ୱାଇଁ, ବ୍ରଜକିଶୋର ବେହେରା, ଶିବପ୍ରସାଦ ବେହେରା, ରମେଶ ଚନ୍ଦ୍ର ମିଶ୍ର, ଗଣେଶ ଚନ୍ଦ୍ର ମିଶ୍ର ପ୍ରମୁଖ ପରିଚାଳନା କରୁଛନ୍ତି। ସେହିପରି ବିଞ୍ଝାରପୁର ବ୍ଲକ ଶାସନ୍ଦାର ବରହମପୁର ଛକ, ପ୍ରୀତିପୁର, ଚିକଣା, କଣ୍ଟିପୁର, ସିଂହପୁର, ମାଁସଡାର ସବ୍‌ଷ୍ଟେଶନ ଛକଠାରେ କୋଭିଡ୍ ନିୟମ ମୁତାବକ ମା'ଙ୍କ ପୂଜା କରାଯାଉଛି।



ବିଞ୍ଝାରପୁର ବ୍ଲକଛକଠାରେ ଅନୁଷ୍ଠିତ ମା' ଶ୍ୟାମାକାଳୀ ପୂଜା।



କଣ୍ଟିଲୋ ଲିଙ୍ଗାକୃତି କାଳୀ ମନ୍ଦିରରେ ମା'ଙ୍କ ପୂଜା।

ଖଣ୍ଡପଡ଼ା,(ସ୍ୱ.ପ୍ର.): ଦୀପାବଳି ଅବସରରେ ଶନିବାର ଖଣ୍ଡପଡା ସହର ସମେତ ଆଖପାଖ ଅଞ୍ଚଳର ପୂଜା ମଣ୍ଡପରେ ମା' କାଳୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ସ୍ଥାନୀୟ ରଥଗଡା ଛକରେ ବଣିକ ସଂଘ ପକ୍ଷରୁ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି। ଖଣ୍ଡପଡା ସହରର ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରସ୍ଥିତ ମା' ବେଢାକାଳୀଙ୍କ ପୀଠ, ପାଢିସାହି ପୂଜା ମଣ୍ଡପ, ମର୍ଦ୍ଦରାଜପୁର ପଞ୍ଚାୟତ ଗିରିଡିପାଟଣା ଗ୍ରାମରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। କଣ୍ଟିଲୋ ମେଡିକାଲ ନିକଟସ୍ଥ କାଳୀ ମନ୍ଦିରରେ ପାରମ୍ପରିକ ରୀତିରେ ଶନିବାରି ରାତ୍ରିରେ ମା'ଙ୍କ ମନ୍ଦିରରେ ଚଣ୍ଡୀପାଠ, ହୋମଯଜ୍ଞ ସହ ମା' କାଳୀଙ୍କ ଉଦ୍ଦେଶ୍ୟରେ ଏକ ହଜାର ଆଠ ଆହୁତି ପ୍ରଦାନ ସହ ମା'ଙ୍କର ଗୁପ୍ତନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଆନୁଷ୍ଠାନିକ କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ମିଶ୍ର ଓ ମନ୍ଦିର ପୂଜକ ରାଜେଶ୍ୱର ମିଶ୍ର ପରିଚାଳନା କରିଥିଲେ।

ଡେରାବିଶ,(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଅଳାବାଙ୍କ ଛକରେ ଶନିବାର ରାତିଠାରୁ ମା' ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହୋଇଛି। କୋଭିଡ୍ କଟକଣା ପାଇଁ ବ୍ଲକ ଅଞ୍ଚଳରେ ମୂର୍ତ୍ତି ବଦଳରେ ଘଟ ପୂଜାକୁ ଗୁରୁତ୍ୱ ଦିଆଯାଇଛି। ପୂଜା କମିଟିର ମୁଖ୍ୟ ଜ୍ୟୋତିଷ ଶାସ୍ତ୍ର ବିଶାରଦ କାଶୀ ଦାସ ବାବା ତ୍ୟାଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ଶନିବାର ମା'ଙ୍କ ଚଣ୍ଡୀପୂଜା, ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୂଜା ସୋମବାର ରାତିରେ ଶେଷ ହେବ। ଚଳିତବର୍ଷ ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ କଟକଣା କରାଯାଇଛି। ଏଥିସହ ଦେଶ ଓ ରାଜ୍ୟ କରୋନା ମୁକ୍ତ ପାଇଁ ମା'ଙ୍କ ନିକଟରେ ପ୍ରତ୍ୟେହ ସନ୍ଧ୍ୟାରେ ପ୍ରାର୍ଥନା ସହ ଆହୁତି ଦିଆଯାଉଛି। ନିରାଡ଼ମ୍ବରରେ ପୂଜା ଚାଲିଥିବା କମିଟି ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ନଭେମ୍ବର, ୨୦୨୦



## ସୁନାଚେନ ଲୁଟ୍ ଅଭିଯୋଗ: ୨ ଗିରଫ

ପାରାଦୀପ(ସ୍ୱ.ପ୍ର.): ସୁନା ଚେନ ଲୁଟ୍ ଅଭିଯୋଗରେ ପାରାଦୀପ ଲକ୍ ଥାନା ଅଞ୍ଚଳରୁ ରବିବାର ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଗଣ୍ଡିକିପୁର ଗ୍ରାମର ବିକାଶ ଭଟ୍ଟ ଓ କାଳିଆପାଟ ଗ୍ରାମର ବିକାଶ ପାଣି। ଗତ ୧୨ ତାରିଖରେ ପାରାଦୀପର ଭୂତମୁଣ୍ଡାଇଠାରୁ ଜଗତି ଛକ ମଧ୍ୟରେ ଏହି ୨ ଅଭିଯୁକ୍ତ ବାଇକ୍‌ରେ ଆସି ୨ ଜଣ ମହିଳାଙ୍କ ବେକରୁ ସୁନାଚେନ ଓ ମଙ୍ଗଳସୂତ୍ର ଲୁଟିନେଇଥିଲେ। ଏନେଇ ଥାନାରେ ପୃଥକ ପୃଥକ ମାମଲା (ନଂ.୨୧୫, ୨୧୬/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା।

**ସଂକ୍ଷେପରେ**

### ୟୁନିୟନ ସଦସ୍ୟ ନ ହେବାରୁ ମାଡ଼: ୩ ଗିରଫ

**ପାରାଦୀପ,୧୫।୧୧(ସ୍ୱ.ପ୍ର.):** ପାରାଦୀପ ଫସଫେଟ ଲିମିଟେଡ୍(ପିପିଏଲ)ରେ କାମ କରୁଥିବା ଜଣେ ଶ୍ରମିକଙ୍କୁ ମାଡ଼ ମାରିବା ନେଇ ଲକ୍ ଥାନାରେ ରବିବାର ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାରାଦୀପ ଅଞ୍ଚଳର ରମେଶ ପାଇଟାଲ, ରୋହିତ କୁମାର ସାହୁ ଓ ଭଜହରି ସ୍ୱାଇଁ। ପିପିଏଲ ଶ୍ରମିକ ଅଭୟ ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ. ୨୧୪/୨୦) ରୁଜୁ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଡ୍ୟୁଟିସାରି ଗ୍ରାମକୁ ଫେରୁଥିବା ବେଳେ ପିପିଏଲ୍‌ରେ କାମ କରୁଥିବା ଏକ ଶ୍ରମିକ ୟୁନିୟନର ୪ ଜଣ ସଦସ୍ୟ କାଠଗଡ଼ା ଛକରେ ତାଙ୍କୁ ମାଡ଼ ମାରିଥିଲେ। ସେ ପାରାଦୀପ ଫସଫେଟସ ମଜଦୁର ୟୁନିୟନର ସଦସ୍ୟ ହୋଇଥିବା ତାଙ୍କୁ ଅନ୍ୟ ଏକ ୟୁନିୟନରେ ସାମିଲ ହେବାକୁ ବାଧ କରାଯାଉଥିଲା। ମାତ୍ର ସେଥିରେ ସେ ସାମିଲ ନ ହେବାରୁ ତାଙ୍କୁ ମାଡ଼ ମରାଯାଇଛି।

### ବାଲି ଚୋରା ଚାଲାଣ, ୫ ଗିରଫ

ଜଗତ୍‌ସିଂହପୁର ଅଫିସ, ୧୫।୧୧- ଦେବୀ ନଦୀର ବଦର (କୋରୁଆ) ଘାଟରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ ଜଗତ୍‌ସିଂହପୁର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୪ଟି ଟ୍ରାକ୍ଟର ଜବତ କରିଛି । ଏହି ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ନାଉଗାଁ ଥାନା ଦେବୀଦୋଳର ଦିପୁ ଦାସ (୪୮), ଭାତପଡ଼ାର ଦିଲୀପ ବାରିକ (୩୬), ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କୋରୁଆର ରବିନାରାୟଣ ସାହୁ (୩୨), ପ୍ରତାପ କୁମାର ସାହୁ (୪୫) ଓ ଚଇଁରପୁରର କୃଷ୍ଣ ଦାସ (୨୪)। ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ଉକ୍ତ ବାଲିଘାଟର ଲିଜ ଅବଧି ସରିଯାଇଥିବାବେଳେ ଅଭିଯୁକ୍ତମାନେ ସେଠାରୁ ଟ୍ରାକ୍ଟରରେ ବେଆଇନ୍‌ଭାବେ ବାଲି ଚାଲାଣ କରୁଥିଲେ। କୌଣସିସୂତ୍ରରୁ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏନେଇ ଥାନାରେ ମାମଲା (ନଂ.୪୧୧/୨୦) ରୁଜୁ ହୋଇଛି।

### କଲ୍ୟାଣ ମଣ୍ଡପରୁ ଚୋରି

ଖଣ୍ଡପଡା,୧୫।୧୧(ସ୍ୱ.ପ୍ର.)- ଖଣ୍ଡପଡା ଥାନା ଯୋଗିଆପଲ୍ଲୀ ଗାଁର ଘାଟି ଠାକୁରାଣୀ କଲ୍ୟାଣ ମଣ୍ଡପରୁ ଦୁର୍ବୃତ୍ତମାନେ ଶନିବାର ରାତିରେ ଇନ୍‌ଭେଟର, ଆକ୍ୱାଗାର୍ଡ ଓ ଅନ୍ୟ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଯୋଗିଆପଲ୍ଲୀ ସରପଞ୍ଚ ମୀନା ଦ୍ୱାରୀ ଓ ସମିତିସଭ୍ୟ ପ୍ରଫୁଲ୍ଲ ଦ୍ୱାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜନବସତିଠାରୁ ଦୂରରେ କଲ୍ୟାଣ ମଣ୍ଡପଟି ଥିବାରୁ ଏହାର ସୁଯୋଗ ନେଇ ରାତିରେ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଥାନାରେ ଏ ନେଇ ମାମଲା ରୁଜୁ ହୋଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟ କହିଛନ୍ତି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛି। ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**ଖଣ୍ଡପଡା,୧୫।୧୧(ସ୍ୱ.ପ୍ର):** ଫତେଗଡ-କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତା ପଥରଚକଡା ଗାଁ ପୋତାପୋଖରୀ ପାଖରେ ଶନିବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ବେଣାଗାଡିଆ ଗାଁର ଯୁବକ ପ୍ରଦୀପ ନନ୍ଦ ଦୁର୍ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ମାଧପୁର ଗ୍ରାମର ମନୋଜ ସାହୁ(୨୨) ଗୁରୁତର ହୋଇଛନ୍ତି। ମନୋଜଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଭୁବନେଶ୍ୱରରୁ ପ୍ରଦୀପ ନିଜ ଗ୍ରାମ ଖଣ୍ଡପଡା ବ୍ଲକ ବେଣାଗାଡିଆକୁ ବାଇକ୍ ଯୋଗେ ଆସୁଥିଲେ। ସନ୍ଧ୍ୟାରେ ବିପରୀତ ଦିଗ ପୋତାପୋଖରୀ ନିକଟରେ କଣ୍ଟିଲୋରୁ ନିଜ ଗ୍ରାମ ମାଧପୁରକୁ ଫେରୁଥିବା ମନୋଜ ଓ ପ୍ରଦୀପ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏ ନେଇ ଏକ ମାମଲା ଫତେଗଡ ଥାନାରେ ରୁଜୁ ହୋଇଛି।

# ଦେଢ଼କୋଟିରୁ କୋଭିଡ୍ ଯୋଦ୍ଧା ଖାଇଲେ ୯୮.୫ ଲକ୍ଷ

**କେନ୍ଦ୍ରାପଡ଼ା ଅଫିସ, ୧୫।୧୧**

କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରୁ କୋଭିଡ୍-୧୯ ପରିଚାଳନା ପାଇଁ ଏପ୍ରିଲ ୯ରୁ ଅକ୍ଟୋବର ୨୨ ପର୍ଯ୍ୟନ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟକୁ ୧,୫୦,୬୪,୧୧୧ଟଙ୍କା ପଠାଯାଇଛି। ଏଥିରୁ କୋଭିଡ୍ ଯୋଦ୍ଧାଙ୍କ ଖାଇବା ପାଇଁ ୯୮,୫୨,୫୩୦ ଟଙ୍କା ଅର୍ଥାତ ୬୫ ପ୍ରତିଶତ ଖର୍ଚ୍ଚ ହୋଇଛି। ମାର୍ଶାଘାଇ ବ୍ଲକ ଗୋଖାପଡ଼ା ଗାଁର ସୂଚନା ଅଧିକାର କର୍ମୀ ପ୍ରକାଶ ଚନ୍ଦ୍ର ଦାସ କୋଭିଡ୍-୧୯ ବାବଦ ଖର୍ଚ୍ଚ ସମ୍ପର୍କରେ ସୂଚନା ଅଧିକାର ଆଇନ ଅନୁଯାୟୀ ଜିଲା ପ୍ରଶାସନକୁ ତଥ୍ୟ ମାଗିଥିଲେ। ଗତ ୭ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଉପରୋକ୍ତ ତଥ୍ୟ (ଚିଠି ନଂ. ୧୨୧୧୬) ପ୍ରଦାନ କରାଯାଇଛି।

କରୋନା ସଂକ୍ରମଣ ଦେଶରେ ମାର୍ଚ୍ଚରୁ ଆରମ୍ଭ ହୋଇଥିଲେ ମଧ୍ୟ ଜିଲାରେ ଏପ୍ରିଲ ୭ରେ ପ୍ରଥମ କରୋନା ସଂକ୍ରମିତ ରୋଗୀ ଆଳି ଅଞ୍ଚଳରୁ ଚିହ୍ନଟ ହୋଇଥିଲେ। ସଂକ୍ରମଣ ସଂଖ୍ୟା ଅଧିକ ହେବା ଆଶଙ୍କା ଥିବାରୁ ସେ ସମୟରେ ପଞ୍ଚାୟତ ଓ ସହରାଞ୍ଚଳରେ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଥିଲା। ବ୍ଲକସ୍ତରରେ କୋଭିଡ୍ କେୟାର ସେଣ୍ଟର ଓ ଛତାଠାରେ କୋଭିଡ୍ ହସ୍ପିଟାଲ ଆରମ୍ଭ ହୋଇଥିଲା। ଏହାର ପରିଚାଳନା ଦାୟିତ୍ୱ ଜିଲା ସ୍ୱାସ୍ଥ୍ୟ ବିଭାଗ ନେଇଥିଲା। ବିଭାଗ ପକ୍ଷରୁ ପ୍ରଦତ୍ତ ସୂଚନା ଅନୁଯାୟୀ, ଉପରୋକ୍ତ ସମୟ ମଧ୍ୟରେ କୋଭିଡ୍ ହସ୍ପିଟାଲ, ସଙ୍ଗରୋଧ କେନ୍ଦ୍ରରେ ନିଯୁକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଖାଇବା ଖର୍ଚ୍ଚ ୭୭,୫୧, ୩୮୦ ଟଙ୍କା। ସେହିପରି ଜିଲାରେ କରୋନା ସଂକ୍ରମିତଙ୍କ ସେବା ପାଇଁ ନିଯୁକ୍ତ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ କର୍ମଚାରୀଙ୍କ ରହିବା, ଖାଇବା ଖର୍ଚ୍ଚରେ ୧୫,୨୧,୧୪୦ ଟଙ୍କା ଯାଇଛି। ଏଥିସହ କଲ ସେଣ୍ଟରରେ କାର୍ଯ୍ୟରତ କର୍ମଚାରୀଙ୍କ ଖାଇବା ଖର୍ଚ୍ଚ ୫,୮୦,୦୧୦ ଟଙ୍କା ଖର୍ଚ୍ଚ ହୋଇଛି। ଏଭଳି ମୋଟ ୯୮,୫୨,୫୩୦ ଟଙ୍କା ଖାଇବା ବାବଦକୁ ଖର୍ଚ୍ଚ କରାଯାଇଛି।

ସେହିପରି ଫିଜିସିଆନ୍ସ ଅଫିସ୍ ଲାବରେଟୋରିରେ ୧୬,୩୩,୯୧୮ଟଙ୍କା ଖର୍ଚ୍ଚ ହୋଇଛି। ମାସ୍କ, ପିପିଇ କିଟ୍, ସାନିଟାଇଜର, ବେଡଶିଟ୍ ବାବଦରେ ୧୧,୧୯,୯୪୩ ଟଙ୍କା, ସିକ୍ୟୁରିଟି, ସ୍ୱାସ୍ଥ୍ୟକେନ୍ଦ୍ର ଓ ହେଲ୍ଥ ଡେସ୍କ କର୍ମଚାରୀଙ୍କ ଦରମା ପାଇଁ ୧୭,୧୧,୩୨୦ ଟଙ୍କା, କଲ୍ ସେଣ୍ଟର କର୍ମଚାରୀଙ୍କ ଦୈନିକ ମଜୁରି ବାବଦରେ ୪,୨୬,୨୦୦ ଟଙ୍କା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରୋତ୍ସାହନ ପାଇଁ ୩,୨୦,୮୦୦ ଟଙ୍କା ଖର୍ଚ୍ଚ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ହୋଇଥିବା ସଙ୍ଗରୋଧ କେନ୍ଦ୍ର ଓ ଛତାସ୍ଥିତ କୋଭିଡ୍ ହସ୍ପିଟାଲରେ ହୋଇଥିବା ଖର୍ଚ୍ଚର ସବିଶେଷ ତଥ୍ୟ ପ୍ରଦାନ କରାଯାଇ ନ ଥିବା ସୂଚନା ଅଧିକାର କର୍ମୀ ଦାସ କହିଛନ୍ତି। ସୂଚନାଯୋଗ୍ୟ, ଜିଲାରେ ଅକ୍ଟୋବର ୨୨ ସୁଦ୍ଧା ୭,୦୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୬,୩୬୬ ସୁସ୍ଥ ହୋଇଥିଲେ। ଏହି ସମୟ ଅବଧିରେ ବହୁ କରୋନା ଆକ୍ରାନ୍ତ ହସ୍ପିଟାଲ ଓ କୋଭିଡ୍ କେୟାର ସେଣ୍ଟର ବ୍ୟତୀତ ସଙ୍ଗରୋଧ ନିୟମ ମାନି ନିଜସ୍ୱ ଚିହ୍ନଟ ଗୃହରେ ଚିକିତ୍ସିତ ହେଉଥିଲେ।


OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, KENDRAPARA

Letter No 12116 /Dated 5.11.20

To,
Sri Prakash Ch Das
S/O Ramesh Ch Das
AT: Gokhapada, PO: Karanja,
Dist.Kendrapara, 754224

Sub: Transfer of RTI application dated 07/08/2020 of Sri Prakash Ch-Das U/S 06(3)of RTI Act-2005

Ref: PIO o/o the CDM&PHO Kendrapara memo no.12008 dated 02/11/2020

Sir,
With reference to the letter and subject cited above, I am to inform that Rs.15064111/-(Rupees one core fifty lakhs sixty four thousand one hundred eleven)only received from the Collector and DM Kendrapara for COVID-19 management and expenditure as per statement enclosed for Sl.No.6.I am to further inform you that Sl.No.1 to 5 & 7 not related to this office.
This is for your information and necessary action.

Yours faithfully
District Public Health Officer,
Kendrapara

ପ୍ରକାଶ ଚନ୍ଦ୍ର ଦାସଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଚିଠି।

# ସରକାରୀ ରାସ୍ତାରେ କାଠ ପକାଇ ଅବରୋଧ

**ଡେରାବିଶ,୧୫।୧୧(ସ୍ୱ.ପ୍ର.)**

**କରତକଳ କ୍ଲଷ୍ଟର ମାଲିକଙ୍କ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ**

ଡେରାବିଶ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ଓ ନୂଆହାଟ ମୌଜାରେ ଥିବା ସରକାରୀ ଗୋଚର ଜମିକୁ ଜିଲା ପ୍ରଶାସନ ପକ୍ଷରୁ ଲିଜ୍ ଦିଆଯାଇ କରତକଳ କ୍ଲଷ୍ଟର ସ୍ଥାପନ କରାଯାଇଛି। ଏହି କ୍ଲଷ୍ଟରକୁ ୫୩ ନଂ. ଜାତୀୟ ରାଜପଥକୁ ସଂଯୋଗ କରିଛି। ରାସ୍ତାଟି ସର୍ବସାଧାରଣଙ୍କ ଚଳାଚଳ ପାଇଁ ହୋଇଥିବା ବେଳେ କ୍ଲଷ୍ଟରକୁ ଆସୁଥିବା ବେଆଇନ କାଠ ଗଣ୍ଡି ରାସ୍ତା ମଝିରେ ଦୀର୍ଘଦିନ ଧରି ପଡ଼ି ରହିବା ଫଳରେ ଯାତାୟାତରେ ବାଧାପ୍ରାପ୍ତ ହୋଇଥିବା ନେଇ ଶୁକ୍ରବାର ଜିଲାପାଳଙ୍କୁ ବଳଭଦ୍ରପୁର ଗ୍ରାମବାସୀ ଭେଟି ଏକ ଅଭିଯୋଗ କରିଛନ୍ତି। ଅଭିଯୋଗରେ ବଳଭଦ୍ରପୁର ଓ ନୂଆହାଟ ଗ୍ରାମର ଶତାଧିକ ଗୋରୁ ଓ ଛେଳିମେଣ୍ଢା ଚରିବାକୁ ଗ୍ରାମର ଏହି ଜାଗାଟି ଏକମାତ୍ର ଗୋଚର ଜମି ଥିଲା। ମାତ୍ର ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୋଚର ଜମିରେ କରତକଳ ପ୍ରତିଷ୍ଠା ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏଥିସହ ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ଜନିତ ଚର୍ମ ରୋଗ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗାଁ ଲୋକଙ୍କ ଚଳାଚଳ ପାଇଁ ଉଦ୍ଦିଷ୍ଟ ଥିବା ରାସ୍ତାକୁ ତୁରନ୍ତ ଅବରୋଧ ମୁକ୍ତ କରାଯାଉ ବୋଲି ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଜିଲାପାଳଙ୍କୁ ଭେଟିଥିବା ଗ୍ରାମବାସୀଙ୍କ ମଧ୍ୟରେ ଅଜୟ ଜେନା, ରବୀନ୍ଦ୍ର କୁମାର ରାଉତ, ନରୋତ୍ତମ ରାଉତ, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ବିରଞ୍ଚି ବେହେରା, ଗୁରୁ ଚନ୍ଦ୍ର ରାଉତ ପ୍ରମୁଖ ସାମିଲ ଥିଲେ।

# ମାତ୍ରାଧିକ ଜରିମାନା ଆଦାୟକୁ ବିରୋଧ

**ଚଢେଇଧରା୧୫।୧୧ (ଡି.ଏନ.ଏ.)**

**ମହାବିନାୟକ ଲଘୁଖଣିଜ ପରିବହନ ସଂଘର ଜରୁରୀ ବୈଠକ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଢେଇଧରାଠାରେ ରବିବାର ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଜାମ୍ବର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ସମସ୍ତ ସଦସ୍ୟ ଯୋଗଦେଇ ପ୍ରଶାସନ ଲଘୁ ଖଣିଜ ପଦାର୍ଥ ପରିବହନରୁ ମାତ୍ରାଧିକ ଜରିମାନା ଆଦାୟ କରୁଥିବାରୁ ବିରୋଧ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ପରିବହନ କରୁଥିବା ଗାଡ଼ିର କାଗଜପତ୍ର ଠିକ୍ ଥାଇ ମଧ୍ୟ ପ୍ରଶାସନ ରାଜସ୍ୱ ଆଦାୟ ଆଳରେ ମାତ୍ରାଧିକ ଜୁଲମ କରି ଜରିମାନା ଆଦାୟ କରୁଛି। ଗାଡ଼ି ମାଲିକ ଏବଂ ଚାଳକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଉଛି। ଫଳରେ ଗାଡି ଚଳାଇବାକୁ ଆଉ ଚାଳକ ମିଳୁନାହାନ୍ତି। କରୋନା ପରିସ୍ଥିତିରେ ଗାଡ଼ିଚାଳକଙ୍କ ପରିବାର ଭୋକ ଉପାସରେ ଛଟପଟ ହେଉଥିବାବେଳେ ଗାଡ଼ିର ଋଣ କିସ୍ତି ଦେଇ ନ ପାରି ମାଲିକମାନେ ମାନସିକ ଭାରସାମ୍ୟ ହରାଇଲେଣି। ଏପରି ପରିସ୍ଥିତିରେ ପ୍ରଶାସନର କାର୍ଯ୍ୟ ବୋଝ ଉପରେ ନଳିତା ବିଡା ଭଳି ହୋଇଛି। ସଭାରେ ପରିଷଦର ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ଉପସଭାପତି ସରୋଜ କୁମାର ରାଉତ, ସମ୍ପାଦକ ଅମିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି କୁଜଙ୍ଗ-ଚଟୁଆ ରାସ୍ତା


ଖାଲଖମାରେ ପୂର୍ଣ୍ଣ କୁଜଙ୍ଗ-ଚଟୁଆ ରାସ୍ତା

**କୁଜଙ୍ଗ,୧୫।୧୧(ଡି.ଏନ୍.ଏ.)**

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୁଜଙ୍ଗ-ଚଟୁଆ ୭ କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାଟି ଖାଲଖମାରେ ପୁରିଯାଇଛି। ଫଳରେ ଦୈନିକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ମାତ୍ର ରାସ୍ତା ମରାମତି କାମ ନେଇଥିବା ଠିକାଦାର କାର୍ଯ୍ୟ ନ କରି ବିଳମ୍ବ କରୁଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ମରାମତି ଓ ପିଚୁ କରିବା ନିମନ୍ତେ ବିଭାଗ ତରଫରୁ ୪୫,୦୮, ୯୮୯ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ପରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୪ ଫେବୃୟାରୀରୁ ୩୦ ମାର୍ଚ୍ଚ ୨୦୨୦ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଇତିମଧ୍ୟରେ ୮ମାସ ଅତିକ୍ରାନ୍ତ କରିଥିଲେ ମଧ୍ୟ ସମ୍ପୃକ୍ତ ଠିକାଦାର କାମ ଆରମ୍ଭ କରିନାହିଁ। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଚୁପ ବସିଛି। ଅପରପକ୍ଷେ ୮ମାସ ମଧ୍ୟରେ ରାସ୍ତା ଅବସ୍ଥା ଅଧିକ ଶୋଚନୀୟ ହୋଇପଡିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ରାୟଗୁରୁ କହିଛନ୍ତି, ପିଚୁ କାମ ବର୍ଷାଋତୁରେ କରିବା ଅସମ୍ଭବ ଥିଲା।। ଏବେ ବର୍ଷାଋତୁ ଗଲାଣି। ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ ହେବ। ଜୁନ୍ ୭ରେ ମୌସୁମୀ ବର୍ଷା ଆସିଥିବା ବେଳେ ପୂର୍ବରୁ କ'ଣ ପାଇଁ କାର୍ଯ୍ୟ ହେଲାଣୀ ବୋଲି ପଚାରିବାରୁ ସମ୍ପୃକ୍ତ ଠିକାଦାର କହିଛନ୍ତି,ଏହାପୂର୍ବରୁ ପଣ୍ଟୁଆରୁ ଇବ୍ରିସିଂ ରାସ୍ତା କାମ ଚାଲିଥିଲା। ମାତ୍ର ବିଲ୍ ମିଳିବାକୁ ବିଳମ୍ବ ହୋଇଥିଲା। ସେତେବେଳକୁ ବର୍ଷାଋତୁ ଆସିଯାଇଥିବାରୁ କୁଜଙ୍ଗ-ଚଟୁଆ ରାସ୍ତା କାମ ଆରମ୍ଭ ହୋଇପାରି ନ ଥିଲା। ଫଳରେ ଠିକାଦାର ବିଭାଗ ସହ କରିଥିବା ଚୁକ୍ତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ତଦନ୍ତ କରି ରାସ୍ତା ସମସ୍ୟାର ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

## ବୋଲେରୋ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଖଣ୍ଡପଡା/ଭାପୁର,୧୫।୧୧(ସ୍ୱ.ପ୍ର.)**

ଫତେଗଡ଼ ଥାନା ଖଣ୍ଡପଡା-ଭାପୁର ପୂର୍ତ୍ତ ବିଭାଗ ରାସ୍ତା ବାହାଡା ଛକ ନିକଟରେ ବୋଲେରୋ ଧକ୍କାରେ ବାହାଡା ଗ୍ରାମର ବସନ୍ତ ଦଳେଇଙ୍କ ମୃତ୍ୟୁ ଘଟିଛି। ବସନ୍ତ କଳାପଥର ବଜାରରୁ ସ୍କୁଟି ଯୋଗେ ଗ୍ରାମକୁ ଫେରୁଥିଲେ। ବାହାଡା ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖଣ୍ଡପଡାରୁ ଭୁବନେଶ୍ୱର ଯାତ୍ରା କରୁଥିବା ବୋଲେରୋ ବସନ୍ତଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ହୋଇଥିଲେ। ତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବସନ୍ତଙ୍କ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ପ୍ରକାଶ। ଦୁର୍ଘଟଣା ଘଟାଇଥିବା ଗାଡିକୁ ବାହାଡା ଗ୍ରାମବାସୀ ଅଟକାଇ ପୋଲିସକୁ ହସ୍ତାନ୍ତର କରିଛନ୍ତି। ବୋଲେରୋ ଚାଳକ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଥାନାରେ ନଂ. ୨୦୧/୨୦ରେ ମାମଲା ରୁଜୁ ହୋଇଛି। ବସନ୍ତ ଅନନ୍ଦ ଦଳେଇଙ୍କ ଏକମାତ୍ର ପୁଅ ଥିଲେ।

# ୨ ବାଣ ବ୍ୟବସାୟୀ ଗିରଫ

**କଳିଙ୍ଗନଗର,୧୫।୧୧(ଡି.ଏନ.ଏ.)**

ବେଆଇନ ବାଣି ବିକ୍ରି ଅଭିଯୋଗରେ ଦାନଗଦୀ ଫାଣ୍ଡି ପୋଲିସ ୨ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦାନଗଦୀ ଅଞ୍ଚଳର ଟୁନା ଚନ୍ଦ୍ର ପାତ୍ର(୩୬) ଏବଂ ସୋଲେଇର ହେମନ୍ତ ଜେନା(୨୪)। ଏଥିସହିତ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯାଇଛି। ଦାନଗଦି ବଜାରରେ ଚୋରା ବାଣ ବିକ୍ରି ହେଉଥିବା ଖବର ପାଇ ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ ସଦଳବଳ ଚଢ଼ାଉ କରିଥିଲେ।

# ଡେରାବିଶରେ ସମବାୟ ସପ୍ତାହ

**ଡେରାବିଶ, ୧୫।୧୧(ସ୍ୱ.ପ୍ର.)**

ଗ୍ରାମାଞ୍ଚଳରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ନଭେମ୍ବର ୧୪ରୁ ୨୦ ସମଗ୍ର ରାଜ୍ୟରେ ସମବାୟ ସପ୍ତାହ ପାଳିତ ହେଉଛି। ଏହି ଅବସରରେ ଡେରାବିଶ ବ୍ଲକ ଅଧୀନରେ ଥିବା ୧୦ ଗୋଟି ସମବାୟ ସମିତିରେ ଶନିବାର ସମବାୟ ସପ୍ତାହ ପାଳିତ ହୋଇଯାଇଛି। ବ୍ଲକର କୁଶିଆପାଳ ସମବାୟ ସମିତିରେ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ପତାକା ଉତ୍ତୋଳନ କରିଥିଲେ। ସମବାୟ ସପ୍ତାହ ସମ୍ପର୍କରେ ଉପସ୍ଥିତ କର୍ମଚାରୀ ଓ ଅଗ୍ରଣୀ ଚାଷୀଙ୍କୁ ସେ କହିଥିଲେ। ସେହିପରି ନହଙ୍ଗ ସମବାୟ ସମିତିରେ ସମ୍ପାଦକ ପ୍ରସନ୍ନ କୁମାର ପାତ୍ର ପତାକା ଉତ୍ତୋଳନ କରିଥିଲେ। ସମବାୟବିତ୍ ପ୍ରସନ୍ନ କୁମାର ସାହୁଙ୍କ ସମେତ ବହୁ ଅଗ୍ରଣୀ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାଉପଡ଼ା ସମବାୟ ସମିତି ପରିସରରେ ସମ୍ପାଦକ ଗୌରାଙ୍ଗ ପ୍ରଧାନ, ଏଣ୍ଡର ସମବାୟ ସମିତି ପରିସରରେ ସମ୍ପାଦକ ମନୋରଞ୍ଜନ ଦାସ ପତାକା ଉତ୍ତୋଳନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳରଚାଷୀମାନେଉପସ୍ଥିତରହିଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ବିକ୍ଷୋଭ

**ତିର୍ତ୍ତୋଲ, ୧୫।୧୧(ଡ଼ି. ଏନ. ଏ )**

**ମେଡିସିନ ଦୋକାନୀଙ୍କୁ ଆକ୍ରମଣ ଘଟଣା**

ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁର ପଞ୍ଚାୟତର ବଜାରଠାରେ ଥିବା ଦାସ ମେଡ଼ିସିନ ଷ୍ଟୋର ମାଲିକ ବିପିନ ବିହାରୀ ଦାସଙ୍କୁ ଗତ ୯ ତାରିଖରେ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଞ୍ଚଳିକ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ କନକପୁର ବଜାରସ୍ଥିତ ଶାରଳା ମନ୍ଦିର ସମ୍ମୁଖରେ ବିକ୍ଷୋଭ କରାଯାଇଛି। ମଞ୍ଚ ଆବାହକ ଆଇନଜୀବୀ ମହେଶ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିକ୍ଷୋଭରେ କନକପୁର ବଜାର କମିଟି ସଭାପତି ଶିଶିର କୁମାର ସିଂହ, ରବି ନାରାୟଣ ଆଚାର୍ଯ୍ୟ, ସମିତି ସଭ୍ୟ ଅଜୟ ଜେନା, ବିପିନ ବିହାରୀ ପଣ୍ଡା ଓ ଯୁବନେତା ଅଶୋକ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ବାଣ ଜବତ, ଦୁଇ ଗିରଫ

**ଚଣ୍ଡିଖୋଲ,୧୫।୧୧(ଡି.ଏନ.ଏ.):** ଚଣ୍ଡିଖୋଲ ଛକରେ ବେଆଇନ ବାଣ ବିକ୍ରି ଅଭିଯୋଗରେ ବଡ଼ଚଣା ପୋଲିସ ଦୁଇ ଜଣକୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯାଇଛି। ସେମାନେ ହେଲେ ଶ୍ରୀକାନ୍ତ ବିଶ୍ୱାଳ ଓ ଅଶୋକ ଜେନା। ଚଣ୍ଡିଖୋଲ ବଜାରରେ ବେଆଇନ ବାଣ ବିକ୍ରି ନେଇ ଖବର ପାଇ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଏକ ମାମଲା (ନଂ.୩୭୫/୨୦) ରୁଜୁ କରାଯାଇଛି। ପରେ ଉଭୟ ଥାନାରୁ ଜାମିନ ପାଇଥିବା ଥାନାଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କୁ ମିଳିଲା ସୋଲାରଲାଇଟ୍

**ପାରାଦୀପ,୧୫।୧୧(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳର ୫ ନଂ ୱାର୍ଡ ବାଲିଝରା ବସ୍ତିରେ ଥିବା ଘୋଲାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଶିଶୁଦିବସ ପାଳିତ ହୋଇଯାଇଛି। ପିପିଏଲ ଓ ଚାଇଲ୍ଡ ସଙ୍ଗଠନ ପକ୍ଷରୁ ସୋଚ୍ ନାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ସୋଲାର ଲାଇଟ୍ ଓ ପାଠ୍ୟଉପକରଣ ବ୍ୟାଗ୍ ଆଦି ଦିଆଯାଇଥିଲା। ପିପିଏଲର ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ସିଏସ୍‌ଆର ନିର୍ଦ୍ଦେଶକ ମନୋଜ କୁମାର ସ୍ୱାଇଁ, ଗଣପତି ଶିଶୁବିଦ୍ୟାମନ୍ଦିର ଅଧ୍ୟାପିକା ଗୀତାଞ୍ଜଳି ତରାଇ, ଚାଇଲ୍ଡ ସଙ୍ଗଠନର ମୁଖ୍ୟ ପୁନମ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୫୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।


ଛାତ୍ରୀଛାତ୍ରଙ୍କୁ ସୋଲାର ଲାଇଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି।

# ଭଙ୍ଗା ନଳକୂପ ପାର୍ଶ୍ୱରେ ନିମ୍ନମାନର ସୋକ୍‌ପିଟ୍ ନିର୍ମାଣ

**ନାଉଗାଁ,୧୫।୧୧(ସ୍ୱ.ପ୍ର.)**

ଗ୍ରାମ ପରିବେଶକୁ ସ୍ୱଚ୍ଛତା ଆଣିବା ସହ ଜଳ ସଂରକ୍ଷଣ ଉଦ୍ଦେଶ୍ୟରେ ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋକ୍‌ପିଟ୍ ଓ ରିଚାର୍ଜପିଟ୍ ନିର୍ମାଣ କରାଯାଉଛି। ଏହି ବ୍ଲକ ଡେରିକି ପଞ୍ଚାୟତରେ ୫ ହଜାର ଟଙ୍କା ବ୍ୟୟ ବରାଦରେ ୪୩ ସୋକ୍‌ପିଟ୍ ଏବଂ ୬ ରୁ ୧୦ ହଜାର ଟଙ୍କା ବ୍ୟୟ ବରାଦରେ ୯ ରିଚାର୍ଜପିଟ୍ ନିର୍ମାଣ କରାଯାଉଛି। ଏନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ମାଧ୍ୟମରେ ଅନ୍‌ଲାଇନ୍ ଯୋଗେ ସ୍ୱୀକୃତି ପ୍ରଦାନ କରାଯାଇଛି। ଇତିମଧ୍ୟରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ସୋକପିଟ୍ ନିର୍ମାଣ ସରିଛି। ମାତ୍ର ଆବଶ୍ୟକସ୍ଥଳେ ଏହା ଲଗାଯାଇ ନ ଥିବା ବେଳେ ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟ ହୋଇଛି। ଫଳରେ ଏହା ପଞ୍ଚାୟତବାସୀଙ୍କ କାର୍ଯ୍ୟରେ ଲାଗିପାରୁନାହିଁ। ନଳକୂପ ଚତୁଃପାର୍ଶ୍ୱରେ ପାଣି ଜମାହୋଇ ନର୍ଦ୍ଦମା ସୃଷ୍ଟି ହେଉଥିବାରୁ ସୋକ୍‌ପିଟ୍ ନିର୍ମାଣ କରାଯାଇ ଉଭୟକୁ ପାଇପ୍ ଯୋଗେ ସଂଯୋଗ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ ଆରମ୍ଭ ହୋଇଛି। ଏହାଦ୍ୱାରା ନଳକୂପ ଚାରିପଟେ ଦୂଷିତପାଣି ନ ଜମି ସୋକ୍‌ପିଟ୍‌କୁ ଚାଲିଯିବ। ଫଳରେ ନଳକୂପ ଚତୁଃପାର୍ଶ୍ୱ ଶୃଙ୍ଖଳା ରହିବ। ଏଥିପାଇଁ ୪ ଟି ନନ୍ଦ ଓ ଗୋଟିଏ ଘୋଡ଼ଣୀ ଲଗାଯିବାର ନିୟମ ରହିଛି। ମାତ୍ର ଅନେକ ସ୍ଥାନରେ କେବଳ ୩ ନନ୍ଦ ଲଗାଯାଇଥିବାବେଳେ ଘୋଡ଼ଣୀ ନାହିଁ। ଅନ୍ୟ କେଉଁଠି ଭଙ୍ଗା ନଳକୂପ ନିକଟରେ ସୋକ୍‌ପିଟ୍ ନିର୍ମାଣ କରାଯାଉଛି। ନଳକୂପ ଚାରିପାଖ ଭାଙ୍ଗିଯାଇଥିଲେ ପାଣି କିପରି ସୋକ୍‌ପିଟ୍‌କୁ ଯିବ ବୋଲି ସ୍ଥାନୀୟ ଅଞ୍ଚଳର ଗୋବିନ୍ଦ ଲେଙ୍କା, କାଳନ୍ଦୀ ବେହୁରା ଓ ନିରଞ୍ଜନ ସାହୁ ପ୍ରମୁଖ ପ୍ରଶ୍ନ କରିଛନ୍ତି। ସେହିପରି ବର୍ଷା ଜଳ ସଂରକ୍ଷଣ ପାଇଁ ଅଙ୍ଗନୱାଡି କେନ୍ଦ୍ର ନିକଟରେ ରିଚାର୍ଜପିଟ୍ ନିର୍ମାଣ କରାଯାଉଛି। ମାତ୍ର ଏସବୁ କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଦାୟିତ୍ୱରେ ଥିବା ବ୍ଲକର କନିଷ୍ଠ ଯନ୍ତ୍ରୀ ସରୋଜ ସ୍ୱାଇଁ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ଡେରିକି ପଞ୍ଚାୟତର ଗ୍ରାମ ରୋଜଗାର ସେବକ କହିଛନ୍ତି, ନଳକୂପ ଚତୁଃପାର୍ଶ୍ୱକୁ ଶୃଙ୍ଖଳା ରଖିବା ପାଇଁ ପଞ୍ଚାୟତକୁ ସୋକ୍‌ପିଟ୍ ଆସିଛି। ତେବେ ଆମ ଅଜାଣତରେ ସୋକ୍‌ପିଟ୍ ବସାଯିବା କାର୍ଯ୍ୟ କରାଯାଇଛି। ଏବିଷୟରେ ଜଣାପଡିବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ।


ଡେରିକି ପଞ୍ଚାୟତରେ ଭାଙ୍ଗିଯାଇଥିବା ନଳକୂପ ନିକଟରେ ସୋକ୍‌ପିଟ୍ ନିର୍ମାଣ କରାଯାଇଛି।

